# କଟକରୁ ଅପହୃତ ଯୁବକ ଢେଙ୍କାନାଳରୁ ଉଦ୍ଧାର

## ୨ ଅଭିଯୁକ୍ତ ଗିରଫ, କାର୍ ଜବତ

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

କଟକରେ ସାମାନ୍ୟ ଦୁର୍ଘଟଣା ପରେ ଜଣେ ବାଇକ୍ ଆରୋହୀ ଯୁବକଙ୍କୁ କାର୍‌ରେ ଅପହରଣ କରିନେଇଥିବା ୨ ଯୁବକଙ୍କୁ ଶନିବାର ରାତିରେ ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ପୋଲିସ ଧରିବା ସହ ଅପହୃତ ଯୁବକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ୨ ଯୁବକ ଢେଙ୍କାନାଳ ସଦର ଥାନା ମଙ୍ଗଳପୁର ଗ୍ରାମର ଶକ୍ତିପ୍ରସାଦ ପରିଡ଼ା ଓ ସାରିଓ ଗ୍ରାମର ନରେଶ ନାଏକଙ୍କୁ ଭାପୁର ଫାଣ୍ଡି ପୋଲିସ କଟକ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛି। ଘଟଣାରେ ବ୍ୟବହୃତ କାର୍ (ନଂ. ଓଡି୦୨-ସିଏମ୍-୯୮୯୯)କୁ କଟକ ସଦର ଥାନା ପୋଲିସ ଜବତ କରିଛି।

ଘଟଣାରୁ ଜଣାପଡିଛି, ଅନୁଗୋଳ ଜିଲା ପାଲଲହଡ଼ା ଥାନା ଝାରବେଡ଼ା ଗ୍ରାମର ଡୋଳେଶ୍ୱର ନାୟକ(୨୭) କଟକ ସିଡିଏ ସେକ୍ଟର-୮ରେ


ଗୁରୁତର ଡୋଳେଶ୍ୱର।



ଜବତ ହୋଇଥିବା କାର୍।

ଭଡ଼ାଘରେ ରହି ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କାମ କରୁଛନ୍ତି। ଶନିବାର ସେ କାମସାରି ନିଜ ମୋଟର ସାଇକେଲରେ ରାତି ପ୍ରାୟ ୧୨ଟା ବେଳେ ଘରକୁ ଫେରୁଥିବା ବେଳେ କଟକ ସଦର ଥାନା ଅଧୀନ ବାଲିକୁଦା-ତ୍ରିଶୁଳିଆ ରାସ୍ତାର ବେଲଭ୍ୟୁ ଛକଠାରେ ଏକ କାର୍‌ରେ ମୋଟର ସାଇକେଲ ପଟି ଦେଇଥିଲେ। ଦୁର୍ଘଟଣା ପରେ କାର୍‌ରେ ଥିବା ଢେଙ୍କାନାଳ ସଦର ଥାନା ଅଞ୍ଚଳର ଶକ୍ତିପ୍ରସାଦ ଓ ନରେଶ ଉତ୍କ୍ଷିପ୍ତ ହୋଇ ଡୋଳେଶ୍ୱରଙ୍କୁ ମାଡ଼ମାରିବା ସହ କାର୍ ଭିତରକୁ ଭିଡ଼ିନେଇ ଟଙ୍କା ମାଗିଥିଲେ। ତାଙ୍କର ୩ଟି ଫୋନ୍ ମଧ୍ୟରୁ ୨ଟି ଦାମିକା ଫୋନ୍, ପର୍ସ ଓ ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ତାଙ୍କୁ କାର୍‌ରେ ଢେଙ୍କାନାଳ ଅଭିମୁଖେ ନେଇଯାଇଥିଲେ। ତାଙ୍କ ବାଇକ୍‌କୁ ମଧ୍ୟ ନେଇଯାଇଥିଲେ। ସୁଯୋଗ ଦେଖି ଡୋଳେଶ୍ୱର ତାଙ୍କ ନିକଟରେ ଥିବା ଆଉ ଏକ ଫୋନରୁ ସାଙ୍ଗ ଶେଖର ପ୍ରସାଦଙ୍କୁ ହ୍ୱାଟ୍‌ସ୍‌ଆପ୍ ମାଧ୍ୟମରେ ଲାଇଭ୍ ଲୋକେଶନ ପଠାଇବା ସହ ଢେଙ୍କାନାଳ ଆଡକୁ ତାଙ୍କୁ ଅପହରଣ କରି ନିଆଯାଉଥିବା ଜଣାଇଥିଲେ। ଅପହରଣକାରୀମାନେ ତାଙ୍କୁ ଢେଙ୍କାନାଳ ସଦର ଥାନା ମଙ୍ଗଳପୁର ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ରଖି ୨ଲକ୍ଷ ଟଙ୍କା ଦେଲେ ଛାଡିବୁ କହି ତୁରନ୍ତ ଘରକୁ ଫୋନ କରିବାକୁ କହିଥିଲେ। ସେଠାରେ ଲୁହା ଛଡରେ ପୁଣି ବାଡେଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଡୋଳେଶ୍ୱରଙ୍କ ସାଙ୍ଗ ଶେଖର ପ୍ରସାଦ ବିଳମ୍ବିତ ରାତିରେ କଟକ ସଦର ଥାନାକୁ ଯାଇ ପୋଲିସକୁ ଲାଇଭ୍ ଲୋକେଶନ ସେୟାର କରିଥିଲେ। ଏହାପରେ କଟକ ସଦର ଥାନା ପୋଲିସ ଢେଙ୍କାନାଳ ପୋଲିସକୁ ଖବର ଦେଇଥିଲେ। ତୁରନ୍ତ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ସଦର ଥାନା ନମିଚିରା ନିକଟରେ ଉକ୍ତ କାର୍‌କୁ ଜବତ କରିବା ସହ ଅପହୃତ ଡୋଳେଶ୍ୱରଙ୍କୁ ଉଦ୍ଧାର କରିଥିଲେ। କାର୍‌ରେ ଥିବା ୨ ଅଭିଯୁକ୍ତଙ୍କୁ ଧରିଥିଲେ। ଡୋଳେଶ୍ୱରଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଇ ଫାଣ୍ଡିକୁ ଆଣିଥିଲେ। ଖବରପାଇ କଟକ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତଦନ୍ତ ପାଇଁ ଡୋଳେଶ୍ୱରଙ୍କୁ ମଧ୍ୟ ସାଙ୍ଗରେ ନେଇଥିଲେ। ଏ ସଂକ୍ରାନ୍ତରେ ଡୋଳେଶ୍ୱର କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ-୬୬୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଭାପୁର ଫାଣ୍ଡି ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

# କୂଅରେ ମଶା ତେଲ: ଅଞ୍ଚଳବାସୀ ଅସୁସ୍ଥ

ଭୁବନ, ୧୩।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୩ ନଂ. ୱାର୍ଡରେ ଥିବା ଏକ ଖୋଲା କୂଅର ପାଣି ପିଇ ସୋମବାର କେତେଜଣ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ଏନ୍‌ଏସି କର୍ତ୍ତୃପକ୍ଷ ବିଭିନ୍ନ ୱାର୍ଡରେ ମଶା ନିବାରଣ ପାଇଁ ତେଲ ସିଞ୍ଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ୩ ନମ୍ବର ୱାର୍ଡର ବନ୍ଧାଳ ଖୋଲା କୂଅରେ କର୍ମଚାରୀମାନେ ମଶା ତେଲ ପକାଇଥିଲେ। କେତେଜଣ ଲୋକ ସେହି ପାଣିକୁ ପାନୀୟ ଭାବେ ବ୍ୟବହାର କରିବା ପରେ ଅସୁସ୍ଥ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ କହିଛନ୍ତି, ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ। କୂଅରୁ ପାଣି ନିଷ୍କାସନ ହେବା ପର୍ଯ୍ୟନ୍ତ ଲୋକମାନେ ସେହି ପାଣିକୁ ବ୍ୟବହାର କରିବା ମନା କରାଯାଇଛି।



# ନିଯୁକ୍ତି ସୁଯୋଗ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର



ବୃତ୍ତିଗତ ପରାମର୍ଶ କର୍ମଶାଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଜିଏମ୍‌ଆର୍ ଏନର୍ଜୀ ଡେଭେଲପମେଣ୍ଟ ସେଣ୍ଟର ପରିସରରେ ଶୁକ୍ରବାର ଏକ ବୃତ୍ତିଗତ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ନିଶ୍ୱାର୍ଡ ସାମାଜିକ ସେବା ଅନୁଷ୍ଠାନ ଓ ଜିଏମ୍‌ଆର୍ କମଲାଙ୍ଗ ଏନର୍ଜୀ ଲିମିଟେଡ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କମ୍ପାନୀର ସିଏସ୍‌ଆର୍ ମୁଖ୍ୟ ଅଧିକାରୀ ଦିଲୀପ କର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରି ପାଠପଢ଼ା ପରେ କେଉଁ କେଉଁ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କମ୍ପାନୀ ମାନବ ସମ୍ବଳ ମୁଖ୍ୟ ଅଧିକାରୀ ରବି ରେଡ୍ଡୀ କଠିନ ପରିଶ୍ରମ ଓ ପ୍ରତିବଦ୍ଧତାକୁ ଅସ୍ତ୍ର କରି ଲକ୍ଷ୍ୟ ହାସଲ ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିତିଶ୍ ପୁହାଣ ଯୋଗଦେଇ ନିଯୁକ୍ତିର ବିଭିନ୍ନ ପରିସର ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କମ୍ପାନୀର ସିଏସ୍‌ଆର୍ ବିଭାଗ କର୍ମଚାରୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମର ୫୩ ଜଣ ଯୁକ୍ତ ୩, ଡିପ୍ଲୋମା, ଆଇଟିଆଇ ପାସ୍ କରିଥିବା ଛାତ୍ରୀଛାତ୍ର ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ ସହିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବୈଷୟିକ ଓ ପେଷାଗତ ଶିକ୍ଷା ବିଷୟରେ ବାର୍ତ୍ତା ଦେଇଥିଲେ। ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଦିଗ୍‌ଦର୍ଶନ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ନିଷ୍ଠାର ସହ କାର୍ଯ୍ୟକରି ସୁନ୍ଦର ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିବାରୁ ସମସ୍ତ ସଫେଇ କର୍ମଚାରୀଙ୍କୁ ସୋମବାର ଜିଲା ପ୍ରଶାସନ ଓ ରୋଟାରି କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ଆୟୋଜିତ ଉତ୍ସବରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ଇପିଲି ଶ୍ରୀଧର, ଜିଲା କଳା ସଂସ୍କୃତି ସଂଘର ଅବନୀ ମିଶ୍ର ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସାଧୁବାଦ ଜଣାଇଥିଲେ।


ମଞ୍ଚାସୀନ ଜିଲାପାଳ, ଏସ୍‌ପି ଓ ଜନପ୍ରତିନିଧିଙ୍କ ସହ ସମ୍ବର୍ଦ୍ଧିତ ସଫେଇ କର୍ମଚାରୀମାନେ।

# କବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ଭବନରେ କବି ବୁଦ୍ଧଦେବ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲା ବରିଷ୍ଠ ନାଗରିକ ପରିଷଦ ସଭାପତି ନ୍ୟାୟମୂର୍ତ୍ତି ଦୁର୍ଗାଚରଣ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କବି ଭୂଷଣ ଲେଖକ ସଂସଦ ସମ୍ପାଦକ ଶିଳ୍ପୀ ପରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶରତ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସଂସଦର ପ୍ରାକ୍ତନ ସଭାପତି ଆର୍ଯ୍ୟରତ୍ନ ଚକ୍ରଧର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଦୁର୍ଗାମାଧବ ପୃଷ୍ଟି ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୁର ପାଟସାହାଣୀ ଓ ବଡ଼ଜେନା ସାହିତ୍ୟ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ ଯୋଗଦେଇ କବି ବୁଦ୍ଧଦେବଙ୍କ ସାହିତ୍ୟ କୃତି ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସିବିଆଇର ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ ଅଧ୍ୟକ୍ଷତା କରିଥିଲେ। କବିତାଗୁଡିକୁ ସଂଯକ୍ତା ଶରଣ, ନିବେଦିତା ରଥ ଓ ମମତା ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ କବି ବୁଦ୍ଧଦେବ ନାୟକଙ୍କ ସୁପୁତ୍ର ତଥା ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାଏକ ପରିଚାଳନା କରିଥିଲେ। ଏହି ଅବସରରେ ଡ. ପ୍ରମୋଦ ନାୟକଙ୍କ ପ୍ରବନ୍ଧ 'ସୃଷ୍ଟି ସମାହାର'କୁ ଉନ୍ମୋଚନ କରାଯାଇଥିଲା। ଆଡଭୋକେଟ ଚିତ୍ରସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରବନ୍ଧ 'ସୃଷ୍ଟି ସମାହାର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# କାଳୀପୂଜା ପାଇଁ ଉତ୍ସବମୁଖର ଭୁବନ

ଭୁବନ, ୧୩।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଓ ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର କାଳୀପୂଜା ଆରମ୍ଭ ହୋଇଛି। କାଳୀବଜାର ବଣିକ ସଂଘ ୪୮ ବର୍ଷରେ ପାଦ ଦେଇଥିବାବେଳେ ସିନେମା ହଲ ଛକ, ମଠକରଗୋଳା ଓ ମୃଦଙ୍ଗା ହାଟଛକ ମହୋତ୍ସବରେ ଚଳଚଞ୍ଚଳ ହୋଇ ଉଠିଛି। ଏହି ଅଞ୍ଚଳରେ ୭ ଦିନ ବ୍ୟାପୀ ଯାତ୍ରା ମେଲଣ ଅନୁଷ୍ଠିତ ହେଉଛି। ବିଭିନ୍ନ ମିନାବଜାର ସାଙ୍ଗକୁ ଉଠାଦୋକାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଞ୍ଚଳ ଉତ୍ସବମୁଖର ହେଉଛି। ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ଭିଡ ଜମିବାରେ ଲାଗିଛି। ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ରହିଥିବାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା ଓ ଶୃଙ୍ଖଳା ରକ୍ଷା କରୁଛନ୍ତି।



# ଗୋପୀନାଥ ଛକରେ ମା' ଶ୍ୟାମାକାଳୀଙ୍କ ପୂଜା

କାମାକ୍ଷାନଗର, ୧୩।୧୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗା ପଞ୍ଚାୟତ କନ୍ଦରସିଂହା ଗୋପୀନାଥ ଛକରେ ଜଗତଜନନୀ ଶକ୍ତିପ୍ରଦାୟିନୀ ମା' ଶ୍ୟାମାକାଳୀଙ୍କ ପୂଜା ପାଳିତ ହୋଇଯାଇଛି। ପ୍ରଥମେ ଗ୍ରାମର ପୂଜା ମଣ୍ଡପରୁ ଏକ ବିଶାଳ ପଟୁଆର ଶୋଭାଯାତ୍ରା ବାହାରି ତେନ୍ତୁଳିସିହାଂରେ ଥିବା ଶୈବ ପୀଠ ବାବା ରାମେଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚିଥିଲା। ସେଠାରେ ରୁଦ୍ରାଭିଷେକ ଓ ବିଲ୍ୱବରଣ ପରେ ଗ୍ରାମ ନିକଟରେ ବହିଯାଇଥିବା ରମିଆଳ ନଦୀରୁ କଳସରେ ଜଳ ନେଇ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚିଥିଲେ। କଳସ ସ୍ଥାପନ ପରେ ଯଥାବିଧି ପୂଜା ଅନୁଷ୍ଠିତ ହୋଇଥିଲା। ପୁରୀର ଏକ ପଣ୍ଡିତ ମଣ୍ଡଳୀଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାର ମୁଖ୍ୟ କର୍ତ୍ତା ଥିଲେ ଅଭିମନ୍ୟୁ ମହାରଣା, ସର୍ବାନନ୍ଦ ବେହେରା, ସମୀର ବେହେରା, ରମେଶ ଚନ୍ଦ୍ର ବେହେରା, ପ୍ରମୋଦ ସେଠି, ଭାଗବତ ମହାରଣା, ପ୍ରସନ୍ନ ସେଠୀ, ବାବୁଲା ସେଠୀ, ବାଇଧର ସେଠୀ, ପ୍ରଦୀପ ସେଠୀ, ସୁରେନ୍ଦ୍ର ବେହେରା, ନୃସିଂହ ମହାରଣା, ବୈରାଗୀ ଓଝା, ବୀରବର ବାରିକ ଏବଂ ଦେବୀଦତ୍ତ ମହାପାତ୍ରଙ୍କ ଦ୍ୱାରା ପୂଜା ପରିଚାଳନା ହୋଇଥିଲା।


ମା'ଙ୍କ ମେଢ଼ ନିକଟରେ ଆୟୋଜକମାନେ।

# ଗଣେଶ ଯୁଥ୍ କ୍ଲବ ଉଦ୍‌ଘାଟିତ

କାମାକ୍ଷାନଗର, ୧୩।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ଠାରେ ରବିବାର ଶ୍ରୀଗଣେଶ ଯୁଥ୍ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମଦେବୀ ମା' ଖଣ୍ଡୁରୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ କ୍ଲବ ଉଦ୍‌ଘାଟନ ହୋଇଥିଲା। ସଦସ୍ୟମାନେ ପ୍ରଥମେ ମା' ଖଣ୍ଡୁରୀଙ୍କ ପୀଠ ଓ ପରେ କଙ୍କଡ଼ାହାଡ଼ ପୋଲ ନିକଟରେ ସଫେଇ କରିଥିଲେ। ଗାଁକୁ ସ୍ୱଚ୍ଛତା ରଖିବା, ଲିଙ୍ଗଗତ ସମାନତା ରକ୍ଷା କରିବା ଏବଂ ବିଭିନ୍ନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କ୍ଲବ ଗଠିତ ହୋଇଥିବା କ୍ଲବ ସଭାପତି ବ୍ରଜରଞ୍ଜନ ବାରିକ କହିଛନ୍ତି। ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, କୋଷାଧ୍ୟକ୍ଷ ସତ୍ୟନାରାୟଣ ପରିଡ଼ା, ତପନ ବିଶ୍ୱାଳ, ଅଭିଜିତ ପାଳ, ସୌମ୍ୟରଞ୍ଜନ ପାଣି, ଶ୍ରୀକାନ୍ତ ସାହୁ, ବଳରାମ ଦଣ୍ଡପାଟ, ଆର୍ଯ୍ୟ ସିଦ୍ଧାର୍ଥ, ଦୀପ୍ତିରଞ୍ଜନ ସାହୁ, ମୃତ୍ୟୁଞ୍ଜୟ ପଣ୍ଡା, ଓମ୍‌ପ୍ରକାଶ ପରିଡ଼ା, ସୁମନ ସ୍ୱରୁପ ପରିଡା, ସ୍ୱୟଂପ୍ରକାଶ ପାଳ, ହରପ୍ରସାଦ ବାରିକ, ପ୍ରଦୀପ ବେହେରା, ଜୟପ୍ରକାଶ ନନ୍ଦି, ଆଶିଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ମା' ଖଣ୍ଡୁରୀଙ୍କ ନିକଟରେ ସଫେଇ କାର୍ଯ୍ୟ କରାଯାଉଛି।

# ହଜାରେରୁ ଅଧିକ ତୁଳସୀ ଚାରା ରୋପଣ

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଶରଣ ଶ୍ରୀକ୍ଷେତ୍ର ପରିସରରେ ଶନିବାର ହଜାରରୁ ଅଧିକ ତୁଳସୀ ଚାରା ରୋପଣ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବା ପାଇଁ ଏହି ତୁଳସୀ ଚାରା ରୋପଣ କରାଯାଇଛି । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ଗ୍ରାମବାସୀଙ୍କ ସହଯୋଗରେ ତୁଳସୀ ଚାରା ରୋପଣ କରାଯିବା ସହିତ ଘଣ୍ଟ, ଶଙ୍ଖ, ହୁଳହୁଳି ଓ ହରିନାମ ସଂକୀର୍ତ୍ତନରେ ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା। ସୂଚନାଯୋଗ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗ ସେବା ପାଇଁ ପ୍ରତି ସପ୍ତାହରେ ୩ଥର ଶରଣ ଶ୍ରୀକ୍ଷେତ୍ରର ମହନ୍ତ ବିଷ୍ଣୁ ବାବା ଭକ୍ତମାନଙ୍କ ଦ୍ୱାରା ପ୍ରଦତ୍ତ ବହୁ ପରିମାଣର ତୁଳସୀ ପୁରୀ ଶ୍ରୀକ୍ଷେତ୍ରକୁ ନେଇ ଯାଇଥାନ୍ତି।


ଶରଣ ଶ୍ରୀକ୍ଷେତ୍ରରେ ତୁଳସୀ ଚାରା ରୋପଣ କରାଯାଉଛି।

# ଢେଙ୍କାନାଳରେ ଧୁମଧାମରେ କାଳୀପୂଜା


ମା' ଦକ୍ଷିଣକାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା।


ଜିଲା ବନଖଣ୍ଡ କାର୍ଯ୍ୟାଳୟରେ କାଳୀପୂଜା।

ଢେଙ୍କାନାଳ ଅଫିସ, ୧୩।୧୧ (ରତନ ନାୟାର)

ଢେଙ୍କାନାଳ ସହରରେ ରବିବାର କାଳୀପୂଜା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣକାଳୀ ରୋଡ୍‌ରେ ଥିବା ମା' ଦକ୍ଷୀଣକାଳୀଙ୍କ ମନ୍ଦିରରେ ପ୍ରାତଃ ସମୟରେ ମଙ୍ଗଳା ଆଳତି କରାଯିବା ସହ ମା'ଙ୍କ ମହାସ୍ନାନ ପରେ ନୂତନ ବସ୍ତ୍ର ଓ ବିଭିନ୍ନ ଫୁଲ ହାରରେ ସୁସଜ୍ଜିତ କରାଯାଇଥିଲା। ପରେ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତିରେ ମା'ଙ୍କ ମଣ୍ଡଳ ପୂଜା, ଷୋଡଶ ଉପଚାର ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି କରାଯାଇଥିଲା। ମନ୍ଦିର ପୂଜକ ବୁଲୁ ବାବା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ଢେଙ୍କାନାଳ ଜିଲା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ୨୩ ବର୍ଷ ଧରି କାଳୀପୂଜା ଅନୁଷ୍ଠିତ ହେଉଛି। ରାତି ୧୦ଟାରେ କଳସ ଯାତ୍ରା କରାଯାଇ ମା'ଙ୍କ ଅଧିବାସ ପୂଜା, ମଣ୍ଡଳ ପୂଜା, ଷୋଡଶ ଉପଚାର ପୂଜା, ସପ୍ତଚଣ୍ଡୀ ପାଠ ଓ ସପ୍ତଚଣ୍ଡୀ ଆହୁତି କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଦକ୍ଷିଣକାଳୀ ରୋଡସ୍ଥିତ କାଳୀପଡିଆଠାରେ ମା'ଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ରେଳ ବିଭାଗ ପକ୍ଷରୁ କାଳୀପଡିଆଠାରେ କର୍ମଚାରୀଙ୍କ ଉପସ୍ଥିତିରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

## ଆନ୍ଦୋଳନ, କୋଇଲା ସଙ୍କଟର ସମାଧାନ କରାଯାଉ

ତାଳଚେର, ୧୩।୧୧ (ମନୋଜ ନନ୍ଦ)

ଭଡ଼ା ବୃଦ୍ଧି ଦାବି ନେଇ ଟ୍ରକ୍ ମାଲିକମାନେ ଗତ ୯ ତାରିଖ ମଧ୍ୟରାତିରୁ ଧର୍ମଘଟକୁ ଓହ୍ଲାଇଥିବାରୁ ଅନୁଗୋଳ ଜିଲା ତାଳଚେର କୋଇଲା କ୍ଷେତ୍ରରୁ କୋଇଲା ପରିବହନ ଦାୟିତ୍ୱରେ ଥିବା ୫ ହଜାରରୁ ଅଧିକ ଟ୍ରକ୍ ରାସ୍ତାରୁ ଦୂରେଇ ରହିଛି। ଏଭଳି ସ୍ଥିତି ରାଜ୍ୟର ବିଭିନ୍ନ କ୍ଷେତ୍ର ପାଇଁ ଏକ ବିଷମ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି କୋଇଲା ଉପରେ ନିର୍ଭର କରୁଥିବା ଶିଳ୍ପଗୁଡ଼ିକ ପ୍ରଭାବିତ ହେଉଛନ୍ତି। ଟ୍ରକ୍ ମାଲିକ ସଂଘ, ତାଳଚେର ପ୍ରଶାସନ ଏବଂ ଶିଳ୍ପକ୍ଷେତ୍ର ପ୍ରତିନିଧିଙ୍କୁ ନେଇ ଗତ ଏକ ମାସ ମଧ୍ୟରେ ଅନେକ ବୈଠକ ବସିଥିଲେ ବି ଟ୍ରକ୍ ମାଲିକମାନଙ୍କ ସମସ୍ୟାର ସମାଧାନ କରାଯାଇ ନାହିଁ। ଟ୍ରକ୍ ମାଲିକ ସଂଘ ଏହି ଧର୍ମଘଟ ଜାରି ରଖିବା ନିଷ୍ପତ୍ତିରେ ଅଟଳ ରହିଥିବାରୁ ଏହାର ପ୍ରଭାବ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଉପରେ ମଧ୍ୟ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ଟ୍ରକ୍ ମାଲିକମାନଙ୍କ ଏବଂ ଶିଳ୍ପ ଉଦ୍ୟୋଗର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ତାଳଚେର ଅଞ୍ଚଳର ହିତାଧିକାରୀମାନେ ଦାବି କରିଛନ୍ତି।

## କୌଶଳ ନ ଶିଖି ମଧ ଚର୍ଚ୍ଚିତ ଚିତ୍ରଶିଳ୍ପୀ


କଂସ ଦରବାରରେ ଚିତ୍ରଶିଳ୍ପୀ ଅନ୍ତର୍ଯ୍ୟାମୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଣ୍ଡା, ୧୩।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଖଣ୍ଡହତା ଗ୍ରାମର ଚିତ୍ରଶିଳ୍ପୀ ଅନ୍ତର୍ଯ୍ୟାମୀ ସେଠୀ (୪୩) ଏବେ ଚର୍ଚ୍ଚାରେ। ଲଛମନ ସେଠୀ ଓ ଗୁରୁବାରୀ ସେଠୀଙ୍କ ପୁଅ ଅନ୍ତର୍ଯ୍ୟାମୀ ଦୀର୍ଘ ୧୭ ବର୍ଷ ହେବ ଚିତ୍ରକଳା କ୍ଷେତ୍ରରେ ନାମ ଅର୍ଜନ କରିଚାଲିଛନ୍ତି। ଚିତ୍ରକଳାରେ କୌଣସି ବିଧିବଦ୍ଧ ଶିକ୍ଷାଲାଭ ନ କରି ମଧ୍ୟ ସେ ନିଜସ୍ୱ ଚେଷ୍ଟା ଓ ଆଗ୍ରହରୁ ନିରବଚ୍ଛିନ୍ନ ଭାବେ ଏହାକୁ ନିଜର ପେଶା ଓ ନିଶା ଭାବେ ଗ୍ରହଣ କରିଛନ୍ତି। ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ୫-ଟି ବିଦ୍ୟାଳୟମାନଙ୍କରେ ଚିତ୍ର ଓ ଲେଖାଅଙ୍କନ କରି ବିପୁଳ ପ୍ରଶଂସା ସାଉଣ୍ଟିପାରିଛନ୍ତି। ନିକଟରେ ଖଣ୍ଡହତା-ପିପଲବାହାଲ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଧନୁଯାତ୍ରା ଉତ୍ସବରେ କଂସ ଦରବାରରେ ମହାରାଜା କଂସ (ସୁଶୀଳ କୁମାର ମେହେର)ଙ୍କୁ ତାଙ୍କର ଏକ ବିରାଟ ତୈଳଚିତ୍ର ଉପହାର ଦେଇ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଅନ୍ତର୍ଯ୍ୟାମୀଙ୍କ ଏହି ତୈଳ ଚିତ୍ର ଦେଖି ମହାରାଜ କଂସ ଖୁସି ପ୍ରକଟ କରିବା ସହିତ ତାଙ୍କୁ ଶାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ବିଜୁ ଜନତା ଦଳ ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାରାଜା କଂସଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ଏହି ସଫଳତା ପାଇଁ ପୂଜା କମିଟିର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

**ଖଣ୍ଡହତାର ଅନ୍ତର୍ଯ୍ୟାମୀ ସେଠୀଙ୍କୁ ସମ୍ବର୍ଦ୍ଧନା**


ବିଦ୍ୟାଳୟ କାନ୍ଥରେ ଚିତ୍ର ଆଙ୍କୁଛନ୍ତି ଅନ୍ତର୍ଯ୍ୟାମୀ ସେଠୀ।

## ପାଲ ଭିଡ଼ା ନେଇ ୧୭ରେ ଆନ୍ଦୋଳନ

ତାଳଚେର, ୧୩।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଶିଳ୍ପାଞ୍ଚଳ ଏବେ ଧୂଳିଧୂଆଁରେ ଅଞ୍ଚଳରେ ପରିଗଣିତ ହୋଇଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଏଥିରେ କ୍ଷୋଭ ପ୍ରକାଶ କରି ଢେଙ୍କାନାଳ ଏମ୍‌ପି ମହେଶ ସାହୁ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ୧୭ ତାରିଖ ଶୁକ୍ରବାର ଡେରା ଓଭର ବ୍ରିଜ, ଗୋଡିବନ୍ଧ ନୂଆ ବଲଣ୍ଡା ଓ କର୍ଣ୍ଣପୁର ଠାରେ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ସେହିପରି କଳ କାରଖାନା ଯୋଗୁ ଗୋଡିବନ୍ଧ ଠାରୁ କଣିହାଁ ରାସ୍ତାରେ ଭାରିଯାନ ଚଳାଚଳ କରିବା ଦ୍ୱାରା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ତେଣୁ ଏହାର ପ୍ରତିକାର କରା ନ ଗଲେ ଶିଳ୍ପ ସଂସ୍ଥା ବିରୋଧରେଏହି ଆନ୍ଦୋଳନ କରାଯିବ ବୋଲି ଏମ୍‌ପି ଚେତାବନୀ ଦେଇଛନ୍ତି।

## ନାଲ୍‌କୋନଗରରେ କାଳୀପୂଜା



ବଅଁରପାଳ ୧୩।୧୧ (ଉପେନ୍ଦ୍ର ରାଉତ)

ସାର୍ବଜନୀନ ଦୁର୍ଗାପୂଜା ଓ କାଳୀ କମିଟି ତରଫରୁ ରବିବାରଠାରୁ ନାଲ୍‌କୋନଗରରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ପୂଜା କମିଟିର କର୍ମକର୍ତ୍ତାମାନେ କଳସ ଶୋଭାଯାତ୍ରାରେ ଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ରାତିରେ ମା'ଙ୍କ ପୂଜା ହୋଇଥିଲା। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ମେଢ଼ କରାଯାଇଛି। ଏଥିସହ ବହୁ ଭକ୍ତ ପ୍ରସାଦସେବନ କରିଥିଲେ। କମିଟି ସଭାପତି ସୁଭେନ୍ଦୁ ନାୟକ, ସମ୍ପାଦକ ସୁବାସ ଗଡ଼ନାୟକ, ମନୋଜ ସ୍ୱାଇଁ, ବୀରଞ୍ଚି ସାମଲ, ସୁଧାଂଶୁ ମିଶ୍ର, ମନୋରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ନାଲ୍‌କୋ ଏଫସିଆଇ ଛକଠାରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି।

## ବିଭିନ୍ନ ସ୍ଥାନରେ କାଳୀ ପୂଜା

ବଣ୍ଡା, ୧୩।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଣ୍ଡା, ଅଙ୍ଗପଡା, ହିମିତିରା, ଡାଲିମୁରା ଅଞ୍ଚଳରେ ରବିବାର କାଳୀ ପୂଜା ପାଳିତ ହୋଇଯାଇଛି। ନିକଟସ୍ଥ ପୋଖରୀ ଓ ନାଳରୁ କଳସରେ ପାଣି ଆଣିବା ପରେ ମା'ଙ୍କ ବିଧିଅନୁସାରେ ପୂଜା ଆରମ୍ଭ କରାଯାଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିବାବେଳେ ମା'ଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏପରିକି ଲୋକଙ୍କ ମନୋରଞ୍ଜନ ପାଇଁ ମିନାବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଏକ ଯାତ୍ରା ପରିବେଷଣ କରାଯାଉଛି। କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା


ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

ବଣ୍ଡା, ୧୩।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହିମିତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ, ନବୀନ ବିଶ୍ୱାଳ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ କପିଳ ପ୍ରସାଦ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକକୁ ବିଚାର କରିଥିଲେ। ମୋଟ୍ ୨୮ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ପ୍ରଥମ ଭାବେ ଗୁଲସନ ପ୍ରଧାନ, ଦ୍ୱିତୀୟ ଭାବେ ସିମରନ ପ୍ରଧାନ, ତୃତୀୟ ଭାବେ ମୋରାରଜି ସାହୁ ଚୟନ ହୋଇଥିଲେ। ଅତିଥି ଭାବେ ସିଆରସିସି ପ୍ରଫୁଲ୍ଲ କୁମାର ସିଂହ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଲୋକ ପ୍ରଧାନ, ସସ୍ମିତା ମାଝି ସହଯୋଗ କରିଥିଲେ।

## ନବଜାତ ଶିଶୁକନ୍ୟାଙ୍କୁ ଝୁଣି ମାରିଦେଲା କୁକୁର

ଅନୁଗୋଳ, ୧୩।୧୧ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ସଦର ଥାନା ଶରଧାପୁର ଗାଁ ରାସ୍ତାର ଏକ ପରିତ୍ୟକ୍ତ ସ୍ଥାନରେ ରବିବାର କେହି ଫୋପାଡ଼ି ଦେଇଥିବା ଏକ ନବଜାତ ଶିଶୁକନ୍ୟାଙ୍କୁ କୁକୁର ଝୁଣି ମାରିଦେଇଛି। ସ୍ଥାନୀୟ ଲୋକେ ଓ ଜଣେ ସାମାଜିକକର୍ମୀ କୁକୁର ମୁହଁରୁ ଶିଶୁକନ୍ୟାଟିକୁ ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲା। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ସାଢେ ୩ଟାରେ ଶରଧାପୁର ରାସ୍ତାରେ ଏକ ନବଜାତ ଶିଶୁକନ୍ୟାଙ୍କୁ ବୁଲା କୁକୁର ଝୁଣି ଖାଉଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ପିଛା କରିବାରୁ ଶିଶୁକନ୍ୟାଙ୍କୁ ଛାଡ଼ି କୁକୁର ପଳାଇ ଯାଇଥିଲା। ସେତେବେଳକୁ ଶିଶୁକନ୍ୟାର ମୃତ୍ୟୁ ହୋଇ ସାରିଥିଲା। ତୁରନ୍ତ ୧୦୮ ଆମ୍ବୁଲାନ୍ସ ଓ ପୋଲିସକୁ ଖବର ଦିଆଯାଇଥିଲା। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ପହଞ୍ଚିବାରୁ ଲୋକେ ଜଣେ ସାମାଜିକ କର୍ମୀଙ୍କୁ ଖବର ଦେଇଥିଲେ। ସାମାଜିକ କର୍ମୀ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ବାଗଡ଼ିଆ ଚାମ୍ପିୟନ



ଛେଣ୍ଡିପଦା, ୧୩।୧୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତଠାରେ ଥିବା ଚାଉଳପୁଟ ଖେଳ ପଡିଆରେ ମା' ଖାରିବୁଢୀ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଏକ ଦିବସୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦିଲୀପ କୁମାର ପୁଢ଼ଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଶଳଖମଣ ଦଳକୁ ୩-୨ ଗୋଲରେ ହରାଇ ବାଗଡିଆ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଚୌରଚନ୍ଦ୍ର ପ୍ରଧାନ ନାଥ, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲରେ ବାଗଡିଆ ଦଳ ୩-୨ ଗୋଲରେ ଶାଳଖମଣକୁ ପରାସ୍ତ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବାପୁଜୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ମାଝି, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ସମିତି ସଭ୍ୟ ସୁକାନ୍ତି ବେହେରା, ପୂର୍ବତନ ସରପଞ୍ଚ ବିଜୟ ଗଡନାୟକ, ବ୍ଲକ ଯୁବ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନ, ହିମାଂଶୁ ସ୍ୱାଇଁ, ପରେଶ ମାଝି, ଦିଲୀପ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଧନଞ୍ଜୟ ମହାକୁଡ, ତୁଷାର ମହାପାତ୍ର ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ, ୧୩।୧୧ (ଅମିତ କୁମାର ସାମଲ)

ବଅଁରପାଳ ଥାନା ବୁଢ଼ାପଙ୍କ ଗ୍ରାମ ବୃନ୍ଦାବନପୁର ସାହିରେ ରବିବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗଇଙ୍କ ରାଉତ(୫୫)। ରବିବାର ପୂର୍ବାହ୍ନରେ ଗଇଙ୍କ ଘରେ ରୋଷେଇ କରୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ କାଠ ବାହାର କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ପ୍ରଥମେ ବଅଁରପାଳ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଗିରିଗୋବର୍ଦ୍ଧନ ପୂଜା, ଯଜ୍ଞମଣ୍ଡପ ଭୂମିପୂଜନ

କଣିହାଁ, ୧୩।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଟାକୁଆ ଗ୍ରାମ ନାଳିତଇଳା ସାହି ଟିକିରା କୂଳ ରଗୁଡି ଉପରେ ସୋମବାର ବାର୍ଷିକ ଉତ୍ସବକୁ ନେଇ ୧୮ତମ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ପଡ଼ୋଶୀ ଅଞ୍ଚଳର ୧୯ଟି ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଗିରିଗୋବର୍ଦ୍ଧନ ପୀଠ ଆଶ୍ରମର ପରିଚାଳକ ବାବା ବିଜୟାନନ୍ଦ ମହାରାଜାଙ୍କ ପରିଚାଳନାରେ ୧୨ଟା ପରେ ଯଜ୍ଞ ବିଧିକର୍ମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଯଜ୍ଞ କର୍ମରେ ଦମ୍ପତି ରାଜକିଶୋର ସାହୁ ଓ ବିଜୁଳି ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରସାଦସେବନ ବ୍ୟବସ୍ଥାରେ ଗ୍ରାମବାସୀଙ୍କ ସହିତ ଗିରିଗୋବର୍ଦ୍ଧନ ପୂଜା କମିଟି ସଭାପତି ଜିତେନ୍ଦ୍ରୀୟ ସାହୁ, କାର୍ଯ୍ୟକର୍ତ୍ତା ଯୁଗୋଳ କିଶୋର ସାହୁ, ଯଶୋବନ୍ତ ସାହୁ, ଗାଙ୍ଗୁଲି ସାହୁ, ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଭିଡ ଜମିଥିଲା। ଏହି ପରିପ୍ରେକ୍ଷୀରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ନେଇ ଯଜ୍ଞ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସମେତ ବହୁ ଲୋକପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।


ଯଜ୍ଞସ୍ଥଳରେ ପ୍ରଣାମ କରୁଛନ୍ତି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ।


ଅନୁଗୋଳ ହେମସୁରପଡ଼ା କାଳୀପୂଜା କମିଟି ପକ୍ଷରୁ ହୋଇଥିବା ମା' କାଳୀଙ୍କ ମେଢ଼।


ଅନୁଗୋଳ ଡେଲି ମାର୍କେଟରେ ମା' କାଳୀଙ୍କ ମେଢ଼। (ଫଟୋ- ବୁବୁ)

## ନନ୍ଦିରାରେ ମା' ଶ୍ୟାମାକାଳୀଙ୍କ ପୂଜା




ତାଳଚେର ୧୩।୧୧ (ମନୋଜ ନନ୍ଦ)

ତାଳଚେର ଏମ୍‌ସିଏଲ୍ ନନ୍ଦିରା କଲିୟରୀ ପକ୍ଷରୁ ନନ୍ଦିରା କାଳୀମଣ୍ଡପ ପଡିଆରେ ରବିବାର ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ୯୦ ଫୁଟ୍ ଉଚ୍ଚତା ଓ ୮୦ ଫୁଟ୍ ଚଉଡା ବିଶିଷ୍ଟ ସଦୃଶ୍ୟ ତୋରଣ ସହ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟଯୁକ୍ତ ତୋରଣ ଏବଂ ଆକର୍ଷଣୀୟ ଆଲୋକସଜ୍ଜା ଦର୍ଶକଙ୍କୁ ଆକର୍ଷିତ କରୁଛି। ପଡିଆରେ ମିନାବଜାର, ନାନାପ୍ରକାର ଦୋଳି, ବିଭିନ୍ନ ପ୍ରକାରର ଫାଷ୍ଟଫୁଡ୍, ଭଳିକି ଭଳି ପିଲାଙ୍କ ଖେଳନା ସହ ଘରକରଣା ସାମଗ୍ରୀର ଷ୍ଟଲମାନ ଶୋଭା ପାଉଛି। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପୋଲିସ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷାକର୍ମୀ ମୁତୟନ କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ପଡିଆର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ୪ଦିନ ଧରି ଯାତ୍ରା, ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଚଳିତ ମାସ ୧୭ ତାରିଖ ଦିନ ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ଜଣାପଡିଛି। ଏହି ଉତ୍ସବରେ ନନ୍ଦିରା କାଳୀ ପୂଜା କମିଟି ସଭାପତି ବିରେନ୍ଦ୍ର ପ୍ରସାଦ, ସମ୍ପାଦକ ରମାକାନ୍ତ ବେହେରାଙ୍କ ସମେତ ପୂଜାକମିଟିର କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି। ସେହିପରି ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିରେ ମଧ୍ୟ ମା' କାଳୀଙ୍କ ପୂଜା ପାଳିତ ହୋଇଛି।

## ଭୁଜାଲି ଦେଖାଇ ଟଙ୍କା ଲୁଟ୍

ବଅଁରପାଳ୧୩।୧୧(ଉପେନ୍ଦ୍ର ରାଉତ)- ବଅଁରପାଳ ଥାନା ଗୋତମରା ବଡପାଟଣା ରାସ୍ତା ଆଲୁଅବେରେଣା ନିକଟରେ ରବିବାର ବୁଢାପଙ୍କ କେନାଲ ସାହିର ପୂର୍ଣ୍ଣଚନ୍ଦ୍ର ସାମଲଙ୍କଠାରୁ ଲୁଟ୍ ହୋଇଛି। ୫ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ପୂର୍ଣ୍ଣଚନ୍ଦ୍ରଙ୍କୁ ଭୁଜାଲି ଦେଖାଇ ତାଙ୍କଠାରୁ ୨ ହାଜର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବଅଁରପାଳ ଥାନାକୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇନାହିଁ। ଏ ନେଇ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ମୋ ପାଖରେ ଅଭିଯୋଗ ନାହିଁ। ଥାନାକୁ ଯୋଗାଯୋଗ କଲା ପରେ କହିବି।

## ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା, ୧୩।୧୧ (ପରିକ୍ଷିତ ସାହୁ)

ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ବନମାଳିପୁର ଗ୍ରାମର ଦୁଷ୍ମନ୍ତ ବେହେରାଙ୍କୁ ଠାକୁରଗଡ଼ ପୋଲିସ ରବିବାର ଗିରଫ କରିଛି। ଏଥିସହ ତାଙ୍କ ବାଇକ୍ ଜବତ କରିଛି। ସେ ମଦ୍ୟ ପାନ କରି ବାଇକ ଚଳାଉଥିବା ବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ନମ୍ବର ୨୫୨/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

# ସରସ ସୁନ୍ଦର ହେବ ବୁଦ୍ଧେଶ୍ୱର ମହୋତ୍ସବ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ସହ କର୍ମକର୍ତ୍ତାମାନେ।

ଭୁବନ, ୧୩।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବ ପୀଠରେ ଚଳିତ ବର୍ଷ ପ୍ରଥମ କରି ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଏନ୍‌ଏସି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ମହୋତ୍ସବ ଭୁବନ ଏନ୍‌ଏସି ଓ ବ୍ଲକର ସମସ୍ତ ପଞ୍ଚାୟତକୁ ନେଇ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ମହୋତ୍ସବକୁ ସରସ ସୁନ୍ଦର କରିବା ଲାଗି ଆଇନ ବ୍ୟବସ୍ଥା, ନିରାପତ୍ତା ବ୍ୟବସ୍ଥା, ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯିବ। ସେହିପରି ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଚଳିତ ମାସ ୨୭, ୨୮, ୨୯ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏଥିସହ ୨୩, ୨୪, ୨୫, ୨୬ ଚାରିଦିନ ଧରି ବୁଦ୍ଧେଶ୍ୱର ମନ୍ଦିର କମିଟି ଦ୍ୱାରା ଆୟୋଜିତ ପାରମ୍ପାରିକ ଯାତ୍ରା ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ବୁଦ୍ଧେଶ୍ୱର ନାମରେ ଏକ ସ୍ମରଣିକା ଉନ୍ମୋଚନ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ସିରିଅଲ ଶୁଭ୍ର ପଟେଲ, ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ, ବୁଦ୍ଧେଶ୍ୱର କମିଟି ସଭାପତି ସନାତନ ସାହୁ, ଫାୟାର ଅଫିସର ଅଂଶୁମାନ ମହାପାତ୍ର, ଥାନାଅଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବାଜି ରାଉତ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା, ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସମସ୍ତ ବଜାରର ସଭାପତି ଉପସ୍ଥିତ ଥିଲେ।

## ଶାଳ ଗଛ କାଟିବା ଅଭିଯୋଗରେ ଜଣେ ଗିରଫ

କାମାକ୍ଷାନଗର, ୧୩।୧୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ବନାଞ୍ଚଳ ତୋରଡ଼ାନାଳୀ ଗ୍ରାମ୍ୟ ଜଙ୍ଗଲରେ ବେନିୟମ ଭାବେ ଶାଳ ଗଛ କାଟି ତାର ବାଡ଼ ଦେଉଥିବା ଅଭିଯୋଗରେ ବନବିଭାଗ ତୋରଡ଼ାନାଳୀ ଗ୍ରାମର ରମେଶ ଚନ୍ଦ୍ର ନାଏକଙ୍କୁ ଗିରଫ କରିଛି। ବନବିଭାଗ ସୂତ୍ରରୁ ପ୍ରକାଶ, ରମେଶ ଗତ ରବିବାର ତୋରଡ଼ାନାଳୀ ଗ୍ରାମ୍ୟ ଜଙ୍ଗଲରେ ଶାଳ କାଠ କାଟି ବାଡ଼ ଦେଉଥିବା ଦେଖି ଦଶୀପୁର ଗ୍ରାମ ରାଣୀବୋଲ ସାହିର ବାସିନ୍ଦା ମହାବିରୋଡ଼ ବନାଞ୍ଚଳ ଅଧିକାରୀ ହରେଶ ଚନ୍ଦ୍ର କିଷାନଙ୍କୁ ସୂଚନା ଦେଇଥିଲେ। ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ଶାଳକାଠ ଖୁଣ୍ଟ, କଣ୍ଟା ତାର ଜବତ କରିବା ସହ ରମେଶଙ୍କୁ ଗିରଫ କରିଥିଲେ। ଆଉ କେହି ସମ୍ପୃକ୍ତ ଥିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାବିରୋଡ୍ ବନାଞ୍ଚଳ ଅଧିକାରୀ ହରେଶ ଚନ୍ଦ୍ର କିଷାନ ସୂଚନା ଦେଇଛନ୍ତି।

## ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବ ପ୍ରତିଯୋଗିତା

ସାତମାଇଲ, ୧୩।୧୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା କଲେଜରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ ଯୋଗଦେଇ ଏପରି ପ୍ରତିଯୋଗିତା ଦ୍ୱାରା ପିଲାଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭାର ପରିପ୍ରକାଶ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟ, ଗୀତ, କବିତା ପାଠ, ବିତର୍କ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ନାୟକ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ନରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜୟ ସୁବୁଦ୍ଧି, ଆରବିନ୍ଦ ସାହୁ, ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ଦୁର୍ନୀତି ବିରୋଧରେ ବ୍ଲକ ଘେରିବ ଭାଜପା

ଅନୁଗୋଳ, ୧୩।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ବଢୁଥିବା ଦୁର୍ନୀତିକୁ ବିରୋଧ କରି ବ୍ଲକ ଘେରିବ ଭାଜପା। ଆଗାମୀ ୧୬ରୁ ୧୮ ତାରିଖ ମଧ୍ୟରେ ଜିଲାର ସମସ୍ତ ୮ ବ୍ଲକ ଘେରାଉ କରାଯିବ ବୋଲି ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ସୋମବାର ଏକ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି। ପ୍ରଧାନ ଉଲ୍ଲେଖ କରିଛନ୍ତି, ସାଧାରଣ ଲୋକଙ୍କ ପାଇଁ ଆସିଥିବା ଅର୍ଥକୁ ଲୁଟ୍ କରାଯାଉଛି। ଭତ୍ତା ଠାରୁ ପ୍ରଧାନମନ୍ତ୍ରୀ ଆବାସ ଯାଏ ପାଇବାକୁ ହିତାଧିକାରୀଙ୍କୁ ଲାଞ୍ଚ ଦେବାକୁ ପଡୁଛି। ସରପଞ୍ଚ, ସମିତି ସଭ୍ୟ କ୍ଷମତା ପାଇଁ ଆନ୍ଦୋଳନ କରୁଛନ୍ତି। କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ଶେଷ ୧୦ ବର୍ଷରେ ଅନୁଦାନ ବାବଦକୁ ଓଡ଼ିଶାକୁ ୩ ଲକ୍ଷ କୋଟି ଟଙ୍କା ମିଳିଥିଲା। କିନ୍ତୁ ମୋଦି ସରକାର ସମୟରେ ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ୧୮ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓଡ଼ିଶା ପାଇଛି। ଅନୁଗୋଳ ଜିଲାକୁ ୬୦ ହଜାର କୋଟି ଟଙ୍କା ମିଳିପାରିଛି। କିନ୍ତୁ ଜନସାଧାରଣଙ୍କ ଅର୍ଥର ଦୁରୁପଯୋଗ ହୋଇଥିବା ସିଏଜି ଧରିଛନ୍ତି। ଅନୁଗୋଳ ଜିଲାରେ ବାର୍ଷିକ ୧୦୦୦ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠି ମାଧ୍ୟମରେ ମୋଦି ସରକାର ଦେଉଛନ୍ତି। କିନ୍ତୁ ତାହା ଜନସାଧାରଣଙ୍କ ବିକାଶ କାର୍ଯ୍ୟରେ ଲାଗିବା ପରିବର୍ତ୍ତେ ଠିକାଦାର ପୋଷଣ କାର୍ଯ୍ୟ ଚାଲିଛି। ଦୁର୍ନୀତି, ହାତୀ ଉପଦ୍ରବ, ଟ୍ରାଫିକ ସମସ୍ୟା, ଆଇନ ଶୃଙ୍ଖଳା ଆଦି ସମସ୍ୟା ମଧ୍ୟରେ ଜିଲାବାସୀ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇପଡିଛନ୍ତି। ସମସ୍ତ ଦୁର୍ନୀତିକୁ ନେଇ ୧୬ ରୁ ୧୮ ତାରିଖ ମଧ୍ୟରେ ଜିଲାର ସମସ୍ତ ୮ ବ୍ଲକ ଘେରାଉ କରାଯିବ ବୋଲି ପ୍ରଧାନ କହିଛନ୍ତି। ୧୬ ତାରିଖରେ ତାଳଚେର ବ୍ଲକ, ୧୭ରେ ଅନୁଗୋଳ, ଆଠମଲ୍ଲିକ, ଛେଣ୍ଡିପଦା ଓ କଣିହାଁ, ୧୮ରେ ବଅଁରପାଳ, କିଶୋରନଗର ଓ ପାଲଲହଡା ବ୍ଲକ ଘେରାଉ କରାଯିବ ବୋଲି ଜିଲା ଭାଜପା ସଭାପତି ପ୍ରଧାନ ଏକ ପ୍ରେସ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

## ନିଯୁକ୍ତି ପ୍ରକ୍ରିୟା ତୁରନ୍ତ ପ୍ରତ୍ୟାହାର ଦାବି

ତାଳଚେର, ୧୩।୧୧
(ମନୋଜ ନନ୍ଦ)

ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବିନା ଅନୁମତିରେ ବେସରକାରୀ ସଂସ୍ଥା ମାଧ୍ୟମରେ ଚାଲିଥିବା ନିଯୁକ୍ତି ପ୍ରକ୍ରିୟା ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସାମାଜିକ କର୍ମୀ ରଞ୍ଜିତ କୁମାର ମହାପାତ୍ର ଦାବି କରିଛନ୍ତି। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି ସୋମବାର ପବିତ୍ର ମୋହନ ମେଡିକାଲ କଲେଜ ପରିଦର୍ଶନ କରିବା ସମୟରେ ସାମାଜିକ କର୍ମୀ ମହାପାତ୍ର ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧର୍ମଣ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

କାମାକ୍ଷାନଗର, ୧୩।୧୧
(ସୁଧୀର କୁମାର ପରିଡା)

ଶିକ୍ଷକ ନିଯୁକ୍ତି ଦାବିରେ କାମାକ୍ଷାନଗର ବ୍ଲକ କଙ୍ଗେଇଲ ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ୍ୟ ସାମିଲ ଥିଲେ।

ଅଭିଯୋଗ ମୁତାବକ, ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ମୋଟ୍ ୧୫୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପୂର୍ବରୁ ୪ ଜଣ ଶିକ୍ଷକ ରହିଥିଲେ। ସେଥିମଧ୍ୟରୁ ଜଣଙ୍କ ଅନ୍ୟତ୍ର ବଦଳି ହୋଇଥିବାବେଳେ ଅନ୍ୟ ଜଣେ ସିଆର୍‌ସିସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ପାଠପଢାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଭାବକମାନେ ପ୍ରଶାସନ ନିକଟର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ସୋମବାର ସ୍କୁଲ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ରୀ ଓ ଅଭିଭାବକମାନେ ଧାରଣା ଦେଇଥିଲେ। ତୁରନ୍ତ ଶିକ୍ଷକ ପଦବୀ ପୂରଣ କରା ନ ଗଲେ ଆନ୍ଦୋଳନ ଜାରି ରହିବା ସହିତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ନେଇ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ହେବ।


ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ଛେଣ୍ଡିପଦା, ୧୩।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା ଅନୁଗୋଳ –ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ଦୁବେ ଛକ ନିକଟରେ ପିକ୍‌ଅପ୍ ଧକ୍କାରେ ଅନୁଗୋଳ ଥାନା ଶୁଖୁଡା ଗ୍ରାମର ଦିନେଶ ନାଏକ ଗୁରୁତର ହୋଇଛନ୍ତି। ଦିନେଶ ତାଙ୍କ ସାଙ୍ଗ କାଳିଆ ବେହେରାଙ୍କୁ ବାଇକରେ ଅନୁଗୋଳରୁ ଜରପଡା ଛାଡିବାକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଦିନେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୀନେଶଙ୍କ ମା’ ସୁଲଚନା ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୭୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ପରଜଙ୍ଗରେ ସଂକୀର୍ତ୍ତନ ସତ୍ୟାଗ୍ରହ



ପରଜଙ୍ଗ, ୧୩।୧୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପରଜଙ୍ଗ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପରଜଙ୍ଗ ବ୍ଲକ ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସଂକୀର୍ତ୍ତନ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ୫ଟି ସଂକୀର୍ତ୍ତନ ଦଳ ଏକାଠି ହୋଇ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲାଯିବା, ମହାପ୍ରଭୁଙ୍କ ଅଳଙ୍କାର ଗଣତି, ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତମଣୋହି ଜମି ସହ ଚାଷୀଙ୍କ ଚାଷ ଜମି ତୁରନ୍ତ ଫେରସ୍ତ କରିବା ପାଇଁ ଦାବି କରିଥିଲେ। ଢେଙ୍କାନାଳ ଜିଲା କଂଗ୍ରେସ ଉପ ସଭାପତି ରଞ୍ଜିତ କୁମାର ସାହୁ, ଜିଲା କଂଗ୍ରେସ ସମ୍ପାଦକ ବିଜୟାନନ୍ଦ ପଣ୍ଡା, ଦୟାସାଗର ଦାସ, ସମୀର ଦେହୁରୀ, ବରୁଣ ଦଳବେହେରା, ବିନୟ ଦାସ, ଗୌରାଙ୍ଗ ଜେନା, ବାବୁଲି ପରିଡା ଓ ପୂର୍ବତନ ବ୍ଲକ ସଭାପତି ନଗେନ ବିନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ ଗୃହ

କଣିହାଁ, ୧୩।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବଜାର ୟୁକୋ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ଭେରାଇଟ ଷ୍ଟୋରରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାରୁ ଜଣାଯାଏ, କଣିହାଁ ବଜାରରେ ବାବୁ ଭେରାଇଟ ଷ୍ଟୋର ରହିଛି। ଏହାର ମାଲିକ ମାର୍କଣ୍ଡ ସାହୁ ହୋଇଥିବା ବେଳେ ସାନ ଭାଇ ବାବୁଙ୍କ ସହିତ ଭେରାଇଟ ଷ୍ଟୋର ସହିତ ଟାୟାର ମରାମତି କାର୍ଯ୍ୟ ପରିଚାଳନା କରୁଛନ୍ତି। ଦୀପାବଳି ଉପଲକ୍ଷେ ଏକ ବାଣ ବିକ୍ରୟ କେନ୍ଦ୍ର ୫ ମିଟର ଦୂରରେ କରିଥିଲେ। ଦୋକାନରେ ଦୀପାବଳି ପୂଜାବେଳେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ବାଣ ଦୋକାନର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି।

# ୬୨ ଅଭିଯୋଗର ଶୁଣାଣି

ଅନୁଗୋଳ, ୧୩।୧୧
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୬୨ ଅଭିଯୋଗରୁ ୬୦ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ୬୨ ଅଭିଯୋଗ ମଧ୍ୟରୁ ୨୧ଟି ଅଭିଯୋଗର ଫଇସଲା ଶିବିରରେ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ଜଣକୁ ୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ବ୍ୟବସାୟୀଙ୍କ ପରଲୋକ

କାମାକ୍ଷାନଗର, ୧୩।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରସ୍ଥିତ ନୂଆ ଆଳତୁମା ୧୦ନଂ. ୱାର୍ଡର ବରିଷ୍ଠ ବ୍ୟବସାୟୀ ମୋହନ ମହାନ୍ତି(୬୧)ଙ୍କ ରବିବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ହୃଦ୍‌ଘାତ ଓ ଡାଇବେଟିସ ରୋଗରେ ପୀଡିତ ଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ତାଙ୍କ ମୃତ୍ୟୁ ଖବରପାଇ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ସ୍ଥାନୀୟ କାଉନସିଲର ସୌମ୍ୟାଶ୍ରୀ ଜୀ, ବିଜେଡି ଯୁବନେତା ସମ୍ବିତ ସୂର୍ଯ୍ୟ ସାହୁ, ଆଳତୁମା ଗ୍ରାମ ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ଆଳତୁମା ଗାଁ ସମେତ କାମାକ୍ଷାନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବାଣ ଅଘଟଣ, ୫୪ ଜଣଙ୍କ ଚିକିତ୍ସା

ଅନୁଗୋଳ, ୧୩।୧୧ (ଅମିତ କୁମାର ସାମଲ)

ଦୀପାବଳିରେ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ବାଣ ଅଘଟଣ ଦେଖିବାକୁ ମିଳିଛି। ବାଣ ଫୁଟା ବେଳେ ପୋଡ଼ି ହୋଇ ପ୍ରାୟ ୫୪ ଜଣ ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି। କାହାର ହାତ ପୋଡ଼ି ଯାଇଥିବା ବେଳେ କାହାର ମୁହଁରେ ବାରୁଦ ପଡ଼ି ଆଘାତ ଲାଗିଛି। ଅଧିକାଂଶ ସାମାନ୍ୟ ଆହତ ହୋଇ ଚିକିତ୍ସା ପରେ ଘରକୁ ଫେରିଯାଇଛନ୍ତି। ସନ୍ଧ୍ୟାରେ ୩୯ ଜଣ ପୋଡ଼ି ହୋଇଥିବା ବେଳେ ରାତି ୯ଟା ପରେ ୧୫ ଜଣ ଚିକିତ୍ସିତ ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

# ୱାଗନ ବ୍ଲାଷ୍ଟିଂରେ ଲୋକେ ଥରହର

ଯାଜପୁର, ୧୩।୧୧
(ହର୍ଷବର୍ଦ୍ଧନ ବେହେରା)

### ଅନାବାଦି ଜଙ୍ଗଲ ଜମିରୁ କଳାପଥର ଲୁଟ୍

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ କିଛି ଦିନର ନୀରବତା ପରେ ପୁଣି କଳାପଥର ଲୁଟ୍ ଜୋର ଧରିଛି। ଖଣି ଓ ରାଜସ୍ୱ ବିଭାଗ ମିଳିତ ଭାବେ ଏହି ଲୁଟ୍‌କୁ ରୋକିବାକୁ ସରକାର ନିଷ୍ପତ୍ତି ନେଇଥିବାବେଳେ ଓଲଟା ତାହା ବଢ଼ିବାରେ ଲାଗିଛି। ଜରିମାନା ଭୟରେ ଲିଜ୍‌ଧାରୀମାନେ ସରକାରୀ ସ୍ୱୀକୃତି ଅଞ୍ଚଳକୁ ବାଦ୍ ଦେଇ ପାଖ ଖାଦାନଗୁଡ଼ିକରୁ ଏକାଧିକ ମେଶିନ ଲଗାଇ ଦୈନିକ ବହୁ ଲକ୍ଷ ଟଙ୍କାର କଳାପଥର ଲୁଟ୍ କରୁଥିବା ଅଭିଯୋଗ ହେଉଛି। ସେଥିମଧ୍ୟରୁ ଢେଙ୍କାନାଳ ଜିଲା ସୀମାନ୍ତ ବାରମାଣ ଓ ବରଡ଼ା ମୌଜାର ପ୍ରାୟ ୧୦୦ ଏକର ଅନାବାଦି ଜଙ୍ଗଲ ଜମିରୁ ୱାଗନ ବ୍ଲାଷ୍ଟିଂ କରି କଳାପଥର ଉତ୍ତୋଳନ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଥିରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀ ୧୦ ଜଣଙ୍କୁ ନିୟୋଜିତ କରି ଦୈନିକ ପ୍ରାୟ ୨୦ ଲକ୍ଷ ଟଙ୍କାର କଳାପଥର ଉତ୍ତୋଳନ କରୁଛନ୍ତି। ବିନା ଟ୍ରାନଜିଟ୍ ପାସ୍ (ଟିପି)ରେ ଉତ୍ତୋଳିତ କଳାପଥର ଆଖପାଖ ଅଞ୍ଚଳରେ ଥିବା କ୍ରଶରଗୁଡ଼ିକରେ ଜମା ହୋଇଥିବା ତାହାର ପ୍ରମାଣ ବୋଲି ଅଞ୍ଚଳବାସୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉଚ୍ଚ କ୍ଷମତା ସମ୍ପନ୍ନ ୱାଗନ ବ୍ଲାଷ୍ଟିଂ ଯୋଗୁ ଖାଦାନଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି।

ବେଆଇନ କଳାପଥର କାରବାର ଉପରେ ୨୦୨୨–୨୩ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କଠାରୁ ୩୨୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ତେବେ କେତେକ ଜରିମାନା ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ତାହା ଆଦାୟ ହୋଇ ପାରିନାହିଁ। ତହସିଲ ପ୍ରଶାସନ ପକ୍ଷରୁ ଜରିମାନା ଦେଇ ପାରି ନଥିବା ବ୍ୟକ୍ତିମାନଙ୍କୁ ଆଉ କୌଣସି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇ ନାହିଁ। ତେବେ ସେମାନେ ପୂର୍ବ ଅଭ୍ୟାସ ଛାଡ଼ି ପାରି ନ ଥିବାରୁ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ବେଆଇନ ଭାବେ କଳାପଥର ଲୁଟ୍ ଜାରି ରଖିଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀଙ୍କ ନେତୃତ୍ୱରେ ଧର୍ମଶାଳା ତହସିଲ ଅନ୍ତର୍ଗତ ବାରମାଣ ଓ ବରଡ଼ା ମୌଜାରେ ଆଲୋକ, କୈଳାସ, ମଧୁ, ବାଦଲ, ଶିବୁନା, ଭୀମ, କଳାକାର, ଋଷି, ତପନ, ରମାକାନ୍ତ ପ୍ରମୁଖଙ୍କୁ ନିୟୋଜିତ ହୋଇ ସରକାରଙ୍କ ଅନେକ କୋଟି ଟଙ୍କାର ରାଜସ୍ୱ ହାନି କରୁଥିବା ଅଭିଯୋଗ ହେଉଛି। ଏଥିରେ ଜଙ୍ଗଲ ଓ ପରିବେଶ, ମାଇନିଂ ପ୍ଲାନ, ୱାଗନ ଡ୍ରିଲିଂ ପ୍ରଭୃତି ଅନୁମତି ନ ଥାଇ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବେଆଇନ ଖନନ ଜାରି ରହିଛି। ୱାଗନ ବ୍ଲାଷ୍ଟିଂ ବନ୍ଦ ନ ହେଲେ ଏଠାରେ ଜୀବନଜୀବିକା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି। ୱାଗନ ବ୍ଲାଷ୍ଟିଂ ଯୋଗୁ ବଡ଼ ବଡ଼ ପୋଖରୀ ସୃଷ୍ଟି ହୋଇଛି। ଏହାସହ ୧୫୦ରୁ ୨୫୦ ଫୁଟ ଗଭୀର ପର୍ଯ୍ୟନ୍ତ ଭୂତଳ ଜଳସ୍ତରରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶୁଥିବାରୁ ପାନୀୟ ଜଳ ବିଷାକ୍ତ ହେଉଛି। ଏହାକୁ ବ୍ୟବହାର କରି ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଜନବସତିଠାରୁ ୫୦୦ ମିଟର ଦୂର ମଧ୍ୟରେ ୱାଗନ ଡ୍ରିଲିଂ ନ କରିବାକୁ ସରକାରୀ ଭାବେ କଟକଣା କରାଯାଇଛି। କିନ୍ତୁ ଏହାକୁ ଭ୍ରୂକ୍ଷେପ ନ କରି ପଥର ବ୍ୟବସାୟୀମାନେ ୱାଗନ ଡ୍ରିଲିଂ କରିଚାଲିଛନ୍ତି। ଫଳରେ ଅଞ୍ଚଳରେ ମୃଦୁ ଭୂମିକମ୍ପ ଭଳି ସ୍ଥିତି ସୃଷ୍ଟି ହେଉଛି। ବାରମାଣ ଓ ବରଡ଼ା ମୌଜା ଅଞ୍ଚଳରେ ପ୍ରାୟ ୧୦ଟି ପଥର ଖାଦାନରେ ନିୟମିତ ଭାବରେ ୱାଗନ ଡ୍ରିଲିଂ କରାଯାଇ ପଥର ଉତ୍ତୋଳନ କରାଯାଉଛି। ୨୦୦ରୁ ୩୦୦ ଫୁଟ ପର୍ଯ୍ୟନ୍ତ ଗାତ କରାଯାଇ ସେଥିରେ ଆମୋନିଆ, ପଟାସ, ଗନ ପାଉଡର ପ୍ରଭୃତି ରାସାୟନିକ ଦ୍ରବ୍ୟ ଭର୍ତ୍ତି କରି ମେଶିନ ସାହାଯ୍ୟରେ ୱାଗନ ଡ୍ରିଲିଂ ହେଉଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ କଳାପଥର ନିୟନ୍ତ୍ରଣ କରିବାକୁ କ୍ଲଷ୍ଟରରେ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଭଦ୍ରକ କ୍ଲଷ୍ଟର ଅଧୀନରେ ଯାଜପୁର ଜିଲା ଯାଉଛି। ଏଥିରେ ଖଣି ବିଭାଗର ମାଇନିଂ ଅଫିସର ନେତୃତ୍ୱ ନେଉଛନ୍ତି। ତେଣୁ ଏହି ବେଆଇନ କଳାପଥର ଉତ୍ତୋଳନ ଅଭିଯୋଗ ଉପରେ ସେମାନଙ୍କ ସହଯୋଗ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

